ସକାଳ
THE SAKALA



# କୋରାପୁଟରେ ଶ୍ରୀରାମ ଧନୁକୁ ସ୍ୱାଗତ



କୋରାପୁଟ, ୯ ।୧(ସମିସ) କୋରାପୁଟ ସହରରେ ଶ୍ରୀରାମ ଧନୁକୁ ଭବ୍ୟ ସ୍ୱାଗତ କରାଯାଇଛି । ରାଉରକେଲା ହନୁମାନ ବାଟିକାରେ ସୁନାରେ ନିର୍ମିତ ଶ୍ରୀରାମ ଧନୁକୁ ଆଜି କୋରାପୁଟ ସହର ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ପୂଜାର୍ଚ୍ଚନା କରାଯାଇଥିଲା । କୋରାପୁଟ ସହରର ବାଟ ମଙ୍ଗଳା ଛକ ଠାରେ ଶ୍ରୀରାମ ସ୍ୱର୍ଣ୍ଣ ଧନୁକୁ ସ୍ୱାଗତ କରାଯାଇଥିଲା । ସୁସଜ୍ଜିତ ରଥରେ ରଖାଯାଇଥିବା ଶ୍ରୀରାମ ଧନୁକୁ ସହର ପରିକ୍ରମା କରିବା ପରେ ପ୍ରେସକ୍ଲବ ନିକଟ ଶ୍ରୀରାମ ମନ୍ଦିର ସମ୍ମୁଖରେ ରଖାଯାଇଥିଲା ଏବଂ ଭକ୍ତମାନେ ଦର୍ଶନ କରିଥିଲେ । ସୂଚନାଯୋଗ୍ୟ ଯେ ରାଉରକେଲା ହନୁମାନ ବାଟିକା ରୁ ଶ୍ରୀରାମ ଧନୁ ରଥ ଅଯୋଧ୍ୟା ଅଭିମୁଖେ ବାହାରିଛି । ଆଜି ଏହି ରଥ କୋରାପୁଟ ଜିଲ୍ଲା ପରିଭ୍ରମଣ କରି ରାୟଗଡ଼ା ଅଭିମୁଖେ ଯାତ୍ରା କରିବ । ଶ୍ରୀରାମ ନବମୀ ପାଳନ କମିଟିର ସଂପାଦକ ସନ୍ତୋଷ ଜେନା, ବିଶ୍ୱ ହିନ୍ଦୁ ପରିଷଦର ସଂପାଦକ ସଂଯୁତ କୁମାର ନନ୍ଦ, ରାମ ପ୍ରସାଦ ସାହୁ, ରାଜେଶ ସୋନେଜା, ବଜରଙ୍ଗ ଦଳ ସଂଯୋଜକ ସିଏଚ ବୁଜିଙ୍ଗା ଆଚାରି, ବିଜୟ କୁମାର ମିଶ୍ର, ପୂର୍ଣ୍ଣିମା ନାୟକ, ୱାଇ ସତ୍ୟ ନାରାୟଣ ପ୍ରମୁଖଙ୍କ ସହ ସଂକିର୍ତନ ଦଳର ମହିଳା ଓ ପୁରୁଷ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ବ୍ୟାଙ୍କରୁ ୧୫ ଲକ୍ଷ ଟଙ୍କା ଋଣ ନେଇ ଠକେଇ ଅଭିଯୋଗ

# ଫେରାର ମହିଳା ଜେଲ୍ ଗଲେ





ଜୟପୁର, ୯ ।୧,(ସମିସ): ଜୟପୁର ସଦରଥାନା କୁମୁଲିପୁଟ ଗ୍ରାମର ସରୋଜ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମିତା ସ୍ୱାଇଁ (୩୪) ସରକାରଙ୍କ ମୁଦ୍ରା ଋଣ ଯୋଜନା ମାଧ୍ୟମରେ ନିକଟସ୍ଥ ଆମ୍ବାଗୁଡା ଗ୍ରାମସ୍ଥିତ ଓଡିଶା ଗ୍ରାମୀଣ ବ୍ୟାଙ୍କ ଠାରୁ ୧୫ ଲକ୍ଷ ଟଙ୍କା ଋଣ ନେଇ ଏକ କିରାନା ଏବଂ ଅନ୍ୟାନ୍ୟ ସାମଗ୍ରୀ ଦୋକାନ ଖୋଲିଥିଲେ । କିନ୍ତୁ ଋଣ ପରିଶୋଧ ବାବଦକୁ ଟଙ୍କା ଫେରସ୍ତ କରିନଥିଲେ । ବ୍ୟାଙ୍କ ପକ୍ଷରୁ ବାରମ୍ବାର କର୍ମଚାରୀ ମାନେ ଋଣ ଟଙ୍କା ମାଗିବାକୁ ତାଙ୍କ ଘରରୁ ଯାଉଥିଲେ । କିନ୍ତୁ ବିଭିନ୍ନ ଆଳ ଦେଖାଇ ସେ ଖସିଯାଉଥିଲେ । ଶେଷରେ ଗତବର୍ଷ ଅକ୍ଟୋବର ୧୮ ତାରିଖରେ ଦୋକାନ ବନ୍ଦ କରିବା ସହ ଫେରାର ହୋଇଯାଇଥିଲେ । ଏଥିନେଇ ବ୍ୟାଙ୍କ ମ୍ୟାନେଜର ଲିପ୍ସା ଦାଶଙ୍କ ସଦରଥାନା ଲିଖିତ ଭାବେ ଉଦ୍ଦେଶ୍ୟମୂଳକ ଭାବେ ମହିଳା ବ୍ୟବସାୟୀ ଶ୍ରୀମତି ସ୍ୱାଇଁ ଋଣ ଟଙ୍କା ଫେରସ୍ତ ନ କରି ହଡପ କରିଥିବା ନେଇ ଅଭିଯୋଗ କ୍ରମ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ତଦନ୍ତ ଏଏସଆଇ ସନ୍ତୋଷ କୁମାର ସାହୁ କରିଥିଲେ । କିନ୍ତୁ ଅଭିଯୁକ୍ତା ମହିଳା ଜଣକ ଫେରାର ହୋଇଯାଇଥିଲେ । ଆଜି ମହିଳା ନିଜ ଘରରୁ ଫେରିଥିବା ସୂଚନା ପାଇବା ପରେ ଦୀର୍ଘ ୩ ମାସ ପରେ ଆଜି ପୁଲିସ ତାକୁ ଗିରଫ କରିବା ସହି କୋର୍ଟ ଚାଲାଣ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ସର୍ଟସର୍କିଟ୍‌ରୁ ଜଳିଗଲା ଘର

କୋରାପୁଟ, ୯।୧(ସମିସ): ସର୍ଟସର୍କିଟ ଯୋଗୁଁ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ଟିକରା ସାହିରେ ଏକ ଘର ଜଳି ପୋଡ଼ି ନଷ୍ଟ ହୋଇ ଥିବା ବେଳେ ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି । ଟିକରା ସାହିର ରିତିକ ସାଗର, ପିଣ୍ଟୁ ସାଗର ମାଙ୍କ ସହ ରୁହନ୍ତି । ମା ଗାଁ ଗାଁ ବୁଲି ଚୁଡ଼ି ଓ ଅନ୍ୟାନ୍ୟ ଫେନ୍ସି ଜିନିଷ ବିକ୍ରି କରୁ ଥିବା ବେଳେ ରୀତିକ ସ୍ଥାନୀୟ ଏକ ଦୋକାନରେ କାମ କରନ୍ତି । ଶୁକ୍ରବାର ସକାଳେ ଘର ତାଲା ପକାଇ ସମସ୍ତେ ନିଜ କାମକୁ ଚାଲି ଯାଇଥିଲେ, ମଧ୍ୟାହ୍ନରେ ରିତିକ ଘରକୁ ଫେରି ତାଲା ଖୋଲିବାରୁ ଭିତରୁ ଧୂଆଁ ଓ ଗରମ ବାଷ୍ପ ବାହାରିଥିଲା, ରିତିକ ଭୟଭୀତ ହୋଇ ପାଟି କରିବାରୁ ସାହି ପଡିଶା ଯୁବକ ମାନେ ପହଞ୍ଚି ପାଣି ପକାଉ ନିଆଁକୁ ଆୟତ୍ତ କରିଥିଲେ । କିଛି ସମୟ ମଧ୍ୟରେ ଅଗ୍ନିଶମ ବିଭାଗ କର୍ମଚାରୀ ମଧ ଘଟଣା ସ୍ଥଳରେ ପହଞ୍ଚି ନିଆ ଲିଭାଇ ଥିଲେ । ମା ଗାଁ ଗାଁ ବୁଲି ଚୁଡ଼ି ବିକ୍ରି କରିଲେ ପରିବାର ଚାଲୁଥିବା ରିତିକ୍ ଅତ୍ୟନ୍ତ ଦୁଃଖର ସହିତ କହିଛନ୍ତି । ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି, ତାହା ଭରଣା କରିବା ସେମାନଙ୍କ ପାଇଁ କଷ୍ଟକର ନିଶ୍ଚିତ, ସରକାରୀ ବିଭାଗ ପକ୍ଷରୁ କିଛି ସାହାଯ୍ୟ କରିବା ପାଇଁ ନିବେଦନ କରିଛନ୍ତି ।

**■ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ**

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଉଦ୍‌ଘାଟିତ

ଜୟପୁର, ୯ ।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ବିକ୍ରମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଏକକାଳୀନ ଦୁଇ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ବିଶ୍ୱବିଦ୍ୟାଳୟର ଖେଳପଡିଆ ଠାରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଆଜି ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ବିଶ୍ୱିବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ପ୍ରଜ୍ଜଳନ ମଶାଲକୁ ଗ୍ରହଣ କରିବା ସହ ସ୍ଥାପନ କରିଥିଲେ । କ୍ରୀଡ଼ା ପତାକାକୁ ଉତ୍ତୋଳନ ସହ ଶୁଭାରମ୍ଭ ଘୋଷଣା କରିଥିଲେ । ଏହି ବିଶ୍ୱବିଦ୍ୟାଳୟ କ୍ରୀଡାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ନାକତ, ସ୍ନାତକତ୍ତୋର ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛତ୍ର ଛାତ୍ରୀ ମାନେ ଯୋଗଦେଇଥିଲେ । ଏହି କ୍ରୀଡାକୁ କ୍ରୀଡ ସଂଘର କାର୍ଯ୍ୟକାରୀ ସଦସ୍ୟ ତଥା ପିଜି କାଉନସିଲର ମୁଖ୍ୟ ଡ. ପ୍ରଶାନ୍ତ କୁମାର ପାତ୍ର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମଣ ପାତ୍ର, ଉପସଭାପତି ଡ. ରୁଶଭ କୁମାର ସାହୁ, ସହକାରୀ ଉପସଭାପତି , ସନ୍ତୋଷିନୀ ମୁଣ୍ଡା, ସହକାରୀ ପ୍ରଫେସର ସଚିନ କୁମାର ନାୟକ, କ୍ରୀଡା ପ୍ରଶିକ୍ଷକ ବିପିନ ପ୍ରସାଦ ସିଂ, ସମସ୍ତ ବିଭାଗ ମୁଖ୍ୟ ଓ ଅଧ୍ୟାପକ ତ ଅଧ୍ୟାପିକା ପ୍ରମୁଖ ପରିଚାଳନାରେ ସହାୟତ କରିଥିଲେ ।



# ବନ୍ଦେ ମାତରମ୍ ପ୍ରସ୍ତୁତି

କୋଷାଗୁମୁଡା, ୯।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ସମ୍ମିଳନୀ କକ୍ଷ ଠାରେ ବ୍ଲକର ଶିକ୍ଷା ବିଭାଗ ଅନ୍ତର୍ଗତ ୨୩୮ଟି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ବନ୍ଦେ ମାତରମ ରାଷ୍ଟ୍ରୀୟ ଗୀତ ଶିବିର ଅନୁଷ୍ଠିତ ହୋଇଥାଏ । ଏହି ଶିବିରରେ କିଭଳି ପାଳନ ହେବ ତା ଉପରେ ମଞ୍ଚାସୀନ ତାଲିମ ଅଧିକାରୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୁନ୍ଦର ଭାବରେ ଆଲୋଚନା ସହ ତାଲିମ ପ୍ରଦାନ କରିଥିଲେ । କୋଷାଗୁମୁଡା ବ୍ଲକରେ ଥିବା ପ୍ରାୟ ୨୨୬ ପ୍ରାଥମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ ଓ ୧୧ ଟିଆରଡବ୍ଲୁ ବିଦ୍ୟାଳୟ ସହ କୋଡ଼ିଙ୍ଗା କଲେଜ ଠାରେ ଏହି କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତାରମ ପାଳନ କରିବେ । ଦୁଇ ଗୋଟି ପର୍ଯ୍ୟାୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିପିଡ଼ିଓ ଅଜିତ କୁମାର ନନ୍ଦ ପରିଚାଳନା କରିଥିଲେ ।

# ନୂତନ ବିଡିଓଙ୍କ ଯୋଗଦାନ



ଡାବୁଗାଁ, ୯।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ନୂତନ ବିଡିଓ ସମୀର କୁମାର ପାତ୍ର ଶୁକ୍ରବାର ଯୋଗଦାନ କରିଛନ୍ତି । ଶ୍ରୀ ପାତ୍ର ଏଥି ପୂର୍ବରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ଡେପୁଟି ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । ଡାବୁଗାଁ ବ୍ଲକରେ କାର୍ଯ୍ୟରତ ଥିବା ବିଡିଓ ଶରତ ମାଝୀଙ୍କୁ ନବରଙ୍ଗପୁର ଜିଲ୍ଲାରେ ଉପଜିଲପାଳଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି ।

# ଜ୍ଞାନଦୀପ କାର୍ଯ୍ୟକ୍ରମର ସମୀକ୍ଷା

କୋରାପୁଟ, ୯।୧(ସମିସ): କୋରାପୁଟ ଜିଲ୍ଲାରେ ଥିବା ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳ ବୃଦ୍ଧି କରିବା ନେଇ ଜିଲ୍ଲା ପ୍ରଶାସନର ନିଜସ୍ୱ ଚେଷ୍ଟାରେ ଗତବର୍ଷରୁ ଜ୍ଞାନଦୀପ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ଅଡିଟୋରିୟମ ଠାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଜ୍ଞାନଦୀପ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଆସନ୍ତା ପରୀକ୍ଷାରେ ଛାତ୍ରଛାତ୍ରୀ ମାନେ ଜିଲ୍ଲା ପାଇଁ କିପରି ସର୍ବୋତ୍ତମ ଫଳାଫଳ ଦେଇପାରିବେ, ସେଥିପ୍ରତି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ସମସ୍ତେ ଶତ ପ୍ରତିଶତ ଚେଷ୍ଟା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାରେ ରହିଥିବା ଉଚ୍ଚ ମାଧ୍ୟମିକ ଓ ଆଦର୍ଶ ବିଦ୍ୟାଳୟ ,ଜେଏନଭି ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଓ ସ୍କୁଲ ଏବଂ ମଙ୍ଗଳ ବିଭାଗ ଅଧିନରେ ଥିବା ହାଇସ୍କୁଲ ଗୁଡ଼ିକର ପ୍ରଧାନ ଶିକ୍ଷକ ମାନେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ଆଇଏଏସ ପ୍ରୋବେସେନେରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଚାମେଲି ମଜୁମଦାର ଓ ଜଗନ୍ନାଥ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ । ଶନିବାର, ସୋମବାର ଓ ମଙ୍ଗଳବାର ତିନି ଦିନ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନିମନ୍ତେ ମକ୍ ଟେଷ୍ଟ ଆୟୋଜନ କରାଯିବ । ଆସନ୍ତା ୧୭ ତାରିଖରୁ ୧୫୦ ଜଣ ଉଚ୍ଚ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ କୋରାପୁଟ ଠାରେ ଏକ ପାଞ୍ଚ ଦିନିଆ ଆବାସିକ ପରାମର୍ଶ କର୍ମଶାଳା ଆୟୋଜନ କରାଯିବ ବୋଲି ଜଣାପଡିଛି ।

# ଜଳ ବିଭାଜିକା ମହୋତ୍ସବ

ରାୟଗଡା/କୋଲନରା, ୯।୧୦(ସମିସ) : ମୃତ୍ତିକା, ଜଙ୍ଗଲ ଓ ପରିବେଶ ଯେପରି ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି । ସମସ୍ତେ ସଚେତନ ହେଲେ ତାହାର ପୁନରୁଦ୍ଧାର ହେବା ସହ ମାନବ ସମାଜ ସୁରକ୍ଷିତ ରହିପାରିବ ବୋଲି ଆଜି ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ରେଖାପଦର ପଞ୍ଚାୟତର ସାଲିବି ଗ୍ରାମ ଠାରେ ଅନୁଷ୍ଠିତ ହୋଇଥିବା ବ୍ଲକ ସ୍ତରୀୟ ଜଳ ବିଭାଜିକା ମହୋତ୍ସବ ମଞ୍ଚରେ ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ଉପନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନୀଳମାଧବ ହିକକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରାପୁଟ ସାଂସଦଙ୍କ ପ୍ରତିନିଧି ଡାକ୍ତର ଆଇ ଗୋବର୍ଦ୍ଧନ ରାଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ବ୍ଲକ ସହକାରୀ କୃଷି ଯନ୍ତ୍ରୀ ଅନିତା ମହାନ୍ତି, ରେଖାପଦର ସରପଞ୍ଚ ଗୋପାଳ ପିର୍ବାକା, ମୁକୁନ୍ଦପୁର ସରପଞ୍ଚ ସନ୍ତୋଷିନି ହୁଇକା, ଭୋଇମଡା ସରପଞ୍ଚ ସୋମନାଥ ହେପ୍ରିକା, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଣ୍ଡା, ରେଖାପଦର ସମିତି ସଭ୍ୟ ସରୋଜ ପଣ୍ଡୁ ଓ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁରେନ୍ଦ୍ର ତାଡ଼ିଙ୍ଗି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟତଃ ଜଳ ବିଭାଜିକା ପ୍ରକଳ୍ପ ତରଫରୁ ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନଙ୍କ ଉନ୍ନତି କିପରି ହୋଇପାରିବ ସେ ଦିଗରେ ପ୍ରାଥମିକତା ଦିଆଯାଉଥିବା ବେଳେ ଜଳ ବିଭାଜିକା ପ୍ରକଳ୍ପର ବିଭିନ୍ନ ଜନ ହିତକର କାର୍ଯ୍ୟ ସମ୍ପର୍କରେ ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ଉପ ନିର୍ଦ୍ଦେଶକ ଶ୍ରୀ ପାଣିଗ୍ରାହୀ ଉପସ୍ଥିତ ଜନସାଧାରଣ ମାନଙ୍କୁ ବିସ୍ତୃତ ଭାବେ ବୁଝାଇ କହିଥିଲେ । ଏଥିରେ ଉଦ୍ୟାନ କୃଷି ବିଭାଗ, ବନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ସଫଳ ଚାଷୀ ଓ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟର ଭୂମି ପୂଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁପ୍ରଭା ନାଥ ମଞ୍ଚ ପରିଚାଳନା କରିଥିବା ବେଳେ ଜଳ ବିଭାଜିକା ବିଭାଗର ରବୀନ୍ଦ୍ର ଗାଣ୍ଟା, ଉମେଶ ମଲ୍ଲିକ, ପ୍ରଦୀପ ସାହୁ, ଆଭାରାଣୀ ସ୍ୱାଇଁ, ଅଞ୍ଜଳି ତାଡିଙ୍ଗି ଓ ସ୍ୱରୂପ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । ଶେଷରେ ପ୍ରକଳ୍ପ ଉପ ନିର୍ଦ୍ଦେଶକ ଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଜଣାଇ ଥିଲେ ।

# ସେମିଳିଗୁଡାରେ ଶ୍ରୀରାମ ଧନୁକୁ ସ୍ୱାଗତ

ସେମିଳିଗୁଡ଼ା, ୯।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ଶ୍ରୀରାମ ସ୍ୱର୍ଣ୍ଣ ଧନୁକୁ ଭବ୍ୟ ସ୍ୱାଗତ କରାଯାଇଛି । ରାଉରକେଲା ହନୁମାନ ବାଟିକାରେ ସୁନାରେ ନିର୍ମିତ ଶ୍ରୀରାମ ଧନୁ ଶୁକ୍ରବାର ସେମିଳିଗୁଡା ସହରରେ ପହଞ୍ଚିବା ପରେ ନାଗରବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ପୂଜାର୍ଚ୍ଚନା କରିଥିଲେ । ସ୍ଥାନୀୟ ବସଷ୍ଟାଣ୍ଡରେ ଥିବା ତାରିଣୀ ମନ୍ଦିର ଠାରେ ଶ୍ରୀରାମ ଧନୁକୁ ଲୋକେ ପୂଜାର୍ଚ୍ଚନା କରିବା ପରେ ସହରରେ ବିଭିନ୍ନ ଅଞ୍ଚଳରେ ଶ୍ରୀରାମ ଧନୁକୁ ସହର ପରିକ୍ରମା କରାଯାଇଥିଲା ।

# ଶ୍ରୀରାମ ଧନୁକୁ ଜୟପୁରରେ ସ୍ୱାଗତ



ଜୟପୁର, ୯ ।୧ (ସମିସ): ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ମନ୍ଦିରରେ ସ୍ଥାପିତ ହୋଇଥିବା ଭଗବାନ ଶ୍ରୀରାମ ମୂର୍ତ୍ତି ଉଦ୍ଦେଶ୍ୟରେ ନିର୍ମିତ ୨୦୦ କିଲୋର ପଞ୍ଚଧାତୁରେ ନିର୍ମିତ ଧନୁ ରହିଥିବା ରଥକୁ ଜୟପୁର ଠାରେ ଭବ୍ୟ ସ୍ୱାଗତ ସହ ପୂଜାର୍ଚ୍ଚନା କରାଯାଇଛି । ଏହି ଧନୁ ବର୍ତ୍ତମାନ ୯୦୦ ଗ୍ରାମ ସୁନା ସହ ଅନ୍ୟାନ୍ୟ ଧାତୁ ଲାଗି ପ୍ରସ୍ତୁତ କରାଯାଇଛି । ଆଜି ସକାଳ ୯ଟା ସମୟରୁ ଜୟପୁର ହନୁମାନ ମନ୍ଦିରରୁ ପୂଜାର୍ଚ୍ଚନା ପରେ ଏକ ବିରାଟ ପଟୁଆରରେ ଭଗବାନଙ୍କ ଏହି ସ୍ୱର୍ଣ୍ଣ ସମେତ ପଞ୍ଚଧାତୁରେ ନିର୍ମିତ ଧନୁ ଆସିଥିବା ରଥରେ ଯାତ୍ରା ବେଳେ ସହରର ବିଭିନ୍ନ ଛକ, ମନ୍ଦିର ଠାରେ ଫୁଲ, ଫଳ, ଧୂପ ଦୀପ ସହିତ ଆଳତୀ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଭକ୍ତ ଓ ଶ୍ରଦ୍ଧାଳୁ ମାନେ କୀର୍ତ୍ତନ ସହ ଜୟଶ୍ରୀ ରାମ ଧ୍ୱନିରେ ପରିବେଶ ଚଳଚଞ୍ଚଳ ହୋଇ ଉଠିଥିଲା । ଛୋଟ ଛୁଆ ମାନେ ହନୁମାନ ଏବଂ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ବେଶ ଧାରଣ ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ବିଧାୟକଙ୍କ ରାଜପଲମା ଗ୍ରାମପଞ୍ଚାୟତ ପରିଦର୍ଶନ

ସେମିଳିଗୁଡ଼ା, ୯।୧(ସମିସ): କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡ଼ା ବ୍ଲକର ରାଜପଲମା ଗ୍ରାମପଞ୍ଚାୟତରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ ଶୁକ୍ରବାର ପରିଦର୍ଶନ କରିଚନ୍ତି । ପଞ୍ଚାୟତରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ସେ ସମୀକ୍ଷା କରିଥିଲେ । ବିଭିନ୍ନ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିବ ବୋଲି ବିଧାୟକ କାଡାମ ପ୍ରତିଶ୍ରୁତି ଦେଇଥିଲେ । ବିଭିନ୍ନ ଗ୍ରାମରେ ବିଧାୟକ କାଡାମଙ୍କୁ ସ୍ୱାଗତ କରାଯାଇଛି । ବିଧାୟକଙ୍କ ସହ ସମିତି ଅଧକ୍ଷା ଲିଲି ଅଣ୍ଟା ବିରିୟା, ବ୍ଲକ୍ କଂଗ୍ରେସ ସଭାପତି ସୋନିଆ ମାଝୀ, ଜନପ୍ରତିନିଧି, କଂଗ୍ରେସ ନେତା କର୍ମୀ ଉପସ୍ଥିତ ଥିଲେ ।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ନନ୍ଦପୁର, ୯।୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା୨୦୨୬ ଆଜି ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଗଣିନାୟକପୁଟ, ନନ୍ଦପୁରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷା କେନ୍ଦ୍ରରେ ମୋଟ ୨୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଆବଣ୍ଟନ କରାଯାଇଥିଲା । ପରୀକ୍ଷାରେ ୨୩୭ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଷଷ୍ଠ ଶ୍ରେଣୀ ଲାଗି ୧୩୪ ଜଣଙ୍କ ମଧ୍ୟରୁ ୧୨୦, ସପ୍ତମ ଲାଗି ୧୧ ଜଣଙ୍କ ମଧ୍ୟରୁ ୯, ଅଷ୍ଟମ ଲାଗି ୪ ଜଣଙ୍କ ମଧ୍ୟରୁ ୪ ଓ ନବମ ଲାଗି ଜଣେ ଏହିପରି ୧୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୬ ଜଣ ଅନୁପସ୍ଥିତ ରହିଥିବା କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି । ପରୀକ୍ଷା ସମୟରେ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ କହିଛନ୍ତି, ପରୀକ୍ଷାର ଫଳାଫଳ ନିର୍ଦ୍ଧାରିତ ସମୟରେ ପ୍ରକାଶ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଯୋଗ୍ୟ ପରୀକ୍ଷାର୍ଥୀମାନେ ଆଦର୍ଶ ବିଦ୍ୟାଳୟରେ ଶିକ୍ଷା ଗ୍ରହଣର ସୁଯୋଗ ପାଇବେ ।

# ସମାଜସେବୀଙ୍କ ପରଲୋକ



କୋରାପୁଟ, ୯।୧(ସମିସ): କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତର ସମାଜସେବୀ ନୀଳାମ୍ବର ନାୟକଙ୍କର ଗୁରୁବାର ରାତିରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । ଦ ସ୍ୱର୍ଗତ ନାୟକ ସ୍ଥାନୀୟ ଅଞ୍ଚଳରେ ଜଣେ ପରୋପକାରୀ ଓ ସମାଜସେବୀ ଭାବେ ବେଶ ପରିଚିତ ଥିବା ବେଳେ ସେ ୧୯୯୦ ମସିହା ଠାରୁ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଥିଲେ । ପଦ୍ମପୁର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରା ଯାଇଥିଲା । କୋରାପୁଟ ବିଧାୟକ ରଘୁରାମ ମାଛ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା କଂଗ୍ରେସ ନେତା ଜଗଦୀଶ ଖୋସଲା, ସମାଜସେବୀ ତ୍ରିପତି ପାଣିଗ୍ରାହୀ, ସୁକାନ୍ତ ନାୟକ, ମଧୁ ସୁଦନ ଖେମୁଣ୍ଡୁ, ବିଷ୍ଣୁ ଦାସ, ସୁରେଶ କୁମାର,ସନ୍ତୋଷ ଶତପଥୀ, ଦୁର୍ଗା ପ୍ରସାଦ ମହାନ୍ତି, ସଞ୍ଜୟ ମହାନ୍ତି, ସାମ୍ବାଦିକ ସୁବୋଧ ଚେଟ୍ଟି ପ୍ରମୁଖ ଯୋଗ ଦେଇ ଦୁଃଖିତ ପରିବାରକୁ ସମବେଦନା ଜଣାଇବା ସହ ଶେଷକୃତ୍ୟରେ ସାମିଲ ହୋଇଥିଲେ ।

## ଜିଲ୍ଲା ଠିକାଦାର ସଂଘର ବୈଠକ

# ଦାବି ପୂରଣ ନହେଲେ ଆନ୍ଦୋଳନ





ଉମରକୋଟ, ୯।୧ (ସମିସ): ଜିଲ୍ଲା ଠିକାଦାର ସଂଘରସାଧାରଣବୈଠକ, ନବରଙ୍ଗପୁର ଜିଲ୍ଲା ଉମରକୋଟ ହାଟପଦା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ଠିକାଦାର ସଙ୍ଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଅନିଲ କୁମାର ମାହାଲିକ ଏବଂ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଜେନା, ରାଜ୍ୟ ଉପସଭାପତି ସଂଜୀବ ପରିଡା, ହେମବତି ନନ୍ଦନ ଚକ୍ରବର୍ତ୍ତୀ, ନବରଙ୍ଗପୁର ଜିଲା ଠିକାଦାର ସଙ୍ଗର ସଭାପତି ସୁଧୀର କୁମାର ପଣ୍ଡା, ଜିଲା ଉପ ସଭାପତି ଏ.ଶିବରାମ ରାଜୁ, ସାଧାରଣ ସମ୍ପାଦକ ହିମାଂଶୁ ଶେଖର ନାୟକ, ପୂର୍ବତନ ଜିଲା ସଭାପତି ଜଗନ୍ନାଥ ମହାପାତ୍ର,ମାନସ ସାହୁ, ଜିଲା ସଙ୍ଘ ଉପଦେଷ୍ଟା ଗୋପାଳ କୁମାର ଭଞ୍ଜ, ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମ ର ରାଜ୍ୟ ତଥା ଜିଲା ଠିକାଦାର ମାନେ ସରକାର ଠିକାଦାରଙ୍କ ପ୍ରତି ଯେଉଁ ବୈମାତୃକ ମନୋଭାବ ରଖି ଜୁଲମ କରୁଛନ୍ତି । ତାକୁ ରାଜ୍ୟ ତଥା ଜିଲା ଠିକାଦାର ସଂଘର ସଦସ୍ୟ ମାନେ ଦୃଢ଼ ବିରୋଧ କରିଥିଲେ । ଠିକାଦାର ସବୁବେଳେ ଅବହେଳିତ ତେଣୁ ପୂର୍ବ ସରକାର ଠିକାଦାରଙ୍କ ପାଇଁ ଯେଉଁ ନିୟମ କରିଥିଲେ ସେଥିରେ ପରିବର୍ତ୍ତନ କରିବା ପାଇଁ ଦାବି କରାଯାଇଥିଲା । ହେଲେ ବର୍ତମାନର ସରକାର ଚଳିତ ମାସ ୩।୧।୨୬ ରେ ଏକ ନିୟମ କରିଛନ୍ତି । ଯାହାକି ୧୪.୯୯ କୁ ଉଠାଇ ଅତିରିକ୍ତ କାର୍ଯ୍ୟଦକ୍ଷତା ସୁରକ୍ଷା ବ୍ୟବସ୍ଥାକୁ ସରଳୀକରଣ କରିଛନ୍ତି । କିନ୍ତୁ ମୂଳ ରେଟ ଠାରୁ ଯିଏ ଯେତେ କାଟିବ, ସେଥିପାଇଁ କୌଣସି ସୀମା ନିର୍ଧାରଣ କରି ନାହାଁନ୍ତି । ଯାହା ଫଳରେ ଜଣେ ଠିକାଦାର ଅଧିକ ଲେସରେ କାମ ପାଇବେ, ହେଲେ କାମ ନିମ୍ନ ମାନର ହେବ ଏବଂ କମ ଦିନରେ ନଷ୍ଟ ହୋଇଯିବ । ତେଣୁ ଏଥିରେ ପରିବର୍ତ୍ତନ ନିହାତି ଜରୁରି, ନଚେତ ଜଣେ ଠିକାଦାର ତଳି ତଳାନ୍ତ ହୋଇଯିବ । ଏହା ବ୍ୟତୀତ ଆଉ ଦୁଇ ତିନୋଟି ନିୟମ ରେ ପରିବର୍ତ୍ତନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ସରକାର ଦାବି ପୂରଣ ନ କଲେ, ୧୪ ଦିନ ପରେ ଭୁବନେଶ୍ୱର ରାଜ ରାସ୍ତାରେ ଆନ୍ଦୋଳନ କରାଯିବ ଏବଂ ସାରା ଓଡ଼ିଶାରେ କାମ ବନ୍ଦ କରାଯିବ । ଫଳରେ ସରକାରଙ୍କ ଉପରେ ଚାପ ପଡିବ ବୋଲି କୁହାଯାଇଛି । ରାଜ୍ୟ ସଂଘ ସବୁବେଳେ ଜିଲ୍ଲା ସଂଘ ସହିତ ଅଛି ବୋଲି କହିଛନ୍ତି ରାଜ୍ୟ ସଭାପତି । ଅନ୍ୟପଟେ ଯେଉଁ ଜିଲ୍ଲାର ଠିକାଦାର ଅନ୍ୟ ଜିଲାକୁ ଯାଇ କାମ ନ କରିବାକୁ କୁହାଯାଇଛି । ସେହିଭଳି ଅନ୍ୟ ଜିଲାର ଠିକାଦାର ଯଦି ଆମ ଜିଲ୍ଲାକୁ ଆସିବେ ତାହେଲେ ଘୋର ବିରୋଧ କରାଯିବ । ସେହିଭଳି ସମସ୍ତ ଠିକାଦାର ସେଡୁଲ ରେଟରେ କାମ ପକାଇବା ପାଇଁ କୁହାଯାଇଛି । ମଞ୍ଚ ପରିଚାଳନା କରିଥିଲେ ଠିକାଦାର ହେମନ୍ତ କୁମାର ସ୍ୱାଇଁ । ଆଜିର ଏହି କାର୍ଯ୍ୟକ୍ର ରେ ଜିଲ୍ଲାରେ ଶତାଧିକ ସୁପର, ସ୍ପେଶାଲ, ଏ,ବି, ସି ଶ୍ରେଣୀର ଠିକାଦାର ଉପସ୍ଥିତ ଥିଲେ ।

# 'ବନ୍ଦେ ମାତରମ୍' ନେଇ ପ୍ରସ୍ତୁତି ବୈଠକ





ପଦ୍ମପୁର, ୯।୧(ସମିସ): ଆଜି ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅଧିନସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସଭାକକ୍ଷରେ ବ୍ଲକର ୮୫ଟି ବିଦ୍ୟାଳୟର ୮୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତଥା ମଞ୍ଚାସୀନ ଅତିଥିମାନଙ୍କୁ ନେଇ ଆଗାମୀ ୧୨ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ 'ବନ୍ଦେ ମାତାରମ୍ 'ଜାତୀୟ ଗୀତି ନିମନ୍ତେ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ବ୍ଲକ ସାମାଜିକ ଅଧିକାରୀ ସ୍ନିଗ୍ଧାରାଣୀ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସ୍ଥିତ ପ୍ରଶିକ୍ଷକ ମନୋଜ କୁମାର ଜେନା, ପ୍ରଶିକ୍ଷକ ଶ୍ରୀପତି ଗମାଙ୍ଗ ଓ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଚନ୍ଦ୍ରସେନ ଲିମା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହା ପରେ ପ୍ରଶିକ୍ଷକ ଦ୍ୱୟ ନିର୍ଭୁଲ୍ ତଥା ସୁଲଳିତ ସ୍ୱରରେ ଏହାକୁ କିପରି ଗାନ କରାଯିବ ତାହା ଜଣାଇଥିଲେ । ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପର ଜୁମୁରୁଗୁଡ଼ାର ଶିକ୍ଷକ ତଥା ଭାଷାବିତ ଦିଲୀପ କୁମାର କର ଏ ସମ୍ପର୍କରେ କହିଥିଲେ । ଶେଷରେ ଶିକ୍ଷକ ଦିଲୀପ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

# ଶ୍ରେଷ୍ଠ ଡାକ କର୍ମଚାରୀ ପୁରସ୍କୃତ




ଜୟପୁର, ୯ ।୧(ସମିସ) : କୋରାପୁଟ ଜିଲ୍ଲା ଜୟପୁର ଡାକ ବିଭାଗ ପକ୍ଷରୁ ଶ୍ରେଷ୍ଠ ଡାକ ବିଭାଗ କର୍ମଚାରୀ ମାନଙ୍କ ପ୍ରୋତ୍ସାହନ ପାଇଁ ମଣ୍ଡଳ ସ୍ତରୀୟ ପୁରସ୍କାର ବଣ୍ଟନ ଉତ୍ସବ ଗତକାଲି ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା । ଜୟପୁର ବରିଷ୍ଠ ଡାକ ଅଧିକ୍ଷକ ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର କ୍ଷେତ୍ରର ପୋଷ୍ଟ ମାଷ୍ଟର ଜେନେରାଲ କର୍ଣ୍ଣେଲ ବିନୋଦ କୁମାର ଯୋଗଦେଇ ବିଭିନ୍ନ କର୍ମଚାରୀ ମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ମନୋନୀତ ହୋଇଥିବା ଡାକ କର୍ମଚାରୀ ମାନଙ୍କୁ ପୁରସ୍କୃତ ଓ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ପିଏମଜି କର୍ଣ୍ଣେଲ ବିନୋଦ କୁମାର କର୍ମଚାରୀ ମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟ ସେବା ପାଇଁ ପ୍ରଶଂସା କରିଥିବା ବେଳେ ବ୍ୟବସାୟିକ ବିକାଶ ଏବଂ ବିଭାଗର ବିଭିନ୍ନ ଯୋଜନା ସାଧାରଣ ଲୋକଙ୍କ ମଧ୍ୟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ମଣ୍ଡଳ ଡାକ କାର୍ଯ୍ୟାଳୟ ଏବଂ ମୁଖ୍ୟ ଡାକଘର କର୍ମଚାରୀ ମାନେ ପରିଚାଳନା କରିଥିଲେ ।

# ଅତ୍ୟାଧୁନିକ ମେଡିକାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର !

କଲ୍ୟାଣସିଂହପୁର, ୯।୧(ସମିସ): ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳର ପର୍ଯ୍ୟନ୍ତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ରାଜ୍ୟ ରାଜ କୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ବିଭାଗ ଦ୍ୱାରା ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରୁଥିବା କହୁଥିବା ବେଳେ କିଛି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଓ ଲାଭଖୋର ମନୋବୃତ୍ତି ପାଇଁ ଏଭଳି ବିଭିନ୍ନ ଉନ୍ନୟନ କାମ ଆରମ୍ଭରୁ ହିଁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି । ଏହି କାମ ଗୁଡିକର ସ୍ଥାୟୀତ୍ୱ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏଭଳି ନିମ୍ନମାନର ନିର୍ମାଣ ଧୀନ କାର୍ଯ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକରେ । ପୂର୍ବ ସରକାର ଅତି ଆଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ରାୟଗଡା ଓ କଲ୍ୟାଣସିଂହପୁର ମୁଖ୍ୟ ରାସ୍ତା ନିକଟରେ ରାଜ୍ୟ ସରକାରଙ୍କ କେଉଁ ବିଭାଗ ତରଫରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଏକ ସୁଉଚ୍ଚ କୋଠା ନିର୍ମାଣ କାମ ଚାଲୁଅଛି । କାମ ଆରମ୍ଭରୁ ନିର୍ମାଣ ଦାୟିତ୍ୱରେ ଥିବା



ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଅତି ନିମ୍ନମାନର କାର୍ଯ୍ୟ କରୁଛି । ଯାହାକି କୋଠାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏହି କୋଠା କାମରେ ବ୍ୟବହାର ହେଉଥିବା ସିମେଣ୍ଟ ଠାରୁ ଆରମ୍ଭ କରି ବାଲି ଇଟା ସହ ସମସ୍ତ କଞ୍ଚାମାଲ ମଧ୍ୟ ନିମ୍ନ ମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରକାରେ ଏହି କୋଠା ନିର୍ମାଣ ହେବା ଆଗରୁ ପାଣି ପାଇଁ ନଳକୂପ ଖୋଳି ପର୍ଯ୍ୟାପ୍ତ ପାଣି ପକାଇବା କଥା । କିନ୍ତୁ ଏଠାରେ ପାଣି ଟାଙ୍କି ଆଣି ଛିଞ୍ଚି ଛିଞ୍ଚି ପାଣି ପକାଇ କାର୍ଯ୍ୟ କରୁଥିବାରୁ କେତେ ଶକ୍ତ ରହିବ ଓ ନିର୍ମାଣ ପରେ ଫାଉଣ୍ଡେସନ, ପିଲର, ଛାତ ଓ କାନ୍ଥ ଗୁଡାକର ସ୍ଥାୟୀତ୍ୱକୁ ନେଇ ଅଞ୍ଚଳବାସୀ ସନ୍ଦେହେ ପ୍ରକାଶ କରିଛନ୍ତି । ପୂର୍ବରୁ ଗୋଟିଏ ଦୁଇ ମହଲା କୋଠା ନିର୍ମାଣ କରାଯାଇଛି । ସେହି କୋଠା ମଧ୍ୟ ଏକା ଭଳିଆ କାର୍ଯ୍ୟ ହୋଇଥିବାରୁ ତାହାର ମଧ୍ୟ ଯାଞ୍ଚ ହେବା ଜରୁରୀ ବୋଲି ଅଭିଯୋଗ କରିଛନ୍ତି ବୁଦ୍ଧିଜୀବୀ । କୌଣସି ସରକାରୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ତିଆରି କରିବା ନିୟମ ରହିଛି ହେଲେ ଏଠାରେ ସୂଚନା ଫଳକ ମଧ୍ୟ ନାହିଁ କେଉଁ ବିଭାଗ କାମ କରୁଛି,ଟେଣ୍ଡର ନେଇଥିବା ଠିକାଦାରଙ୍କ

## ପ୍ରଶାସନ ତଦନ୍ତ କରିବାକୁ ଦାବି

ନାମ ଉଲେଖ ରହିବା କଥା,କେତେ ବର୍ଷ ରକ୍ଷଣା ବ୍ୟକ୍ଷଣ କରିବ,କେତେ ଅଟକଳ ମୂଲ୍ୟ ରହିଛି, ଦୈନିକ ମଜୁରୀ କେତେ, ଆର୍ଥିକ ବର୍ଷ କଣ, କୁଶଳୀ ଓ ଅଣକୁଶଳୀ ଶ୍ରମିକ ମାନଙ୍କ ମଜୁରୀ କେତେ ରହିଛି, ସେ ବିଷୟରେ କିଛିବି ତଥ୍ୟ ଜଣାପଡୁନି । ଠିକାଦାର ଯେଉଁ ଢଙ୍ଗରେ କାମ କରୁଛନ୍ତି ବିଲଡିଂ କେତେ ଦିନ ଲାଷ୍ଟିଙ୍ଗ କରିବ ତାହା କହିବା ମୁସ୍କିଲ ହୋଇ ଯାଇଛି । ଏହି କଥାରେ ବ୍ୟବହାର କରାଯାଉଥିବା ଲୁହା ଛଡ, ସିମେଣ୍ଟ ଓ ବାଲି ଅତି ନିମ୍ନମାନର । ସିମେଣ୍ଟ, ବାଲିର ଭାଗ ମାପ ସମାନ ରହୁନାହିଁ । ପିଲାର କାର୍ଯ୍ୟରେ ଢଳା ଯାଉଥିବା କଂକ୍ରିଟରେ ଯେତିକି ସିମେଣ୍ଟ, ଚିପ୍ସ ଓ ବାଲି ମିଶାଇବା କଥା, ସେତିକି ପରିମାଣରେ ମିଶାଉ ନାହାନ୍ତି । ଏପରିକି କଂକ୍ରିଟ୍‌ରେ ମଧ ଲୋକାଲ ବାଲି ଲୋକାଲ ସିମେଣ୍ଟ ଓ ଲୋକାଲ ମେଟାଲର ବହୁତ ବ୍ୟବହାର ହେଉଛି । ଇଟା ଯୋଡେଇ କାମ ଚାଲିଛି, ହେଲେ ସେଥିରେ ପାଣି ମଧ ଠିକ୍‌ରେ ଦିଆଯାଉନି । ତେଣୁ ସ୍ଥାନୀୟ ଲୋକେ ଠିକାଦାରଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ବିଲକୁଲ ବି ପସନ୍ଦ କରୁନାହାନ୍ତି । ଏଥିରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକା ରହିଥିବା ସାଧାରଣରେ ସନ୍ଦେହ କରାଯାଉଛି । ତେଣୁ ଜିଲ୍ଲା ପ୍ରଶାସନ ଏ କାର୍ଯ୍ୟ ଉପରେ ଦୃଷ୍ଟି ରଖିବା ସହିତ ଠିକାଦାରର କାର୍ଯ୍ୟକଳାପକୁ ଯାଞ୍ଚ କରିବା ସହ ସ୍ୱତନ୍ତ୍ର ଅଧିକାରୀଙ୍କ ସହ ତଦନ୍ତ କରିବାକୁ ଦାବି ହୋଇଛି । ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ନିୟମିତ ଯାତାୟାତ କରିବା ସମୟରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ବିଷମକଟକରେ କାୟାକଳ୍ପ ଟିମ

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ ପରିଦର୍ଶନ

ବିଷମ କଟକ, ୯।୧( ସମିସ):

ରାୟଗଡ଼ା ଜିଲ୍ଲାର ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଜି ପୂର୍ବାହ୍ନରେ କାୟାକଳ୍ପ ରାଜ୍ୟ ମୂଲ୍ୟାଙ୍କନ ଟିମ୍ ସଦସ୍ୟ ମାନେ ପରିଦର୍ଶନ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନ ୯ଟା ସମୟରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ଟିମ୍ ପହଞ୍ଚିବା ପରେ ଆଗରୁ ପ୍ରସ୍ତୁତ ହୋଇଥିବା କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆସିଥିବା ଡ. ଶୁଭ୍ରଜିତ ରାଓ, ଡ. ବସନ୍ତ କୁମାର ସାହୁ, ଡ. ପ୍ରଶାନ୍ତ କୁମାର ସାବତ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ବିଭିନ୍ନ ବିଭାଗର ରେକର୍ଡ ପତ୍ର ଯାଞ୍ଚ ପରେ ନିରାମୟ କେନ୍ଦ୍ର ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିବା ସହ ସୁବିଧାରେ ରୋଗୀ ଔଷଧ ପାଉଛନ୍ତି କି ନାହିଁ ତାହା ଦେଖୁଥିଲେ ଓ ପରେ ପ୍ରସୂତି ବିଭାଗର ଲେବରରୁ ଓଟିକୁ ଦେଖୁବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ବର୍ହି, ବିଭାଗ ଓ ଆନ୍ତଃବିଭାଗ ଗୁଣାତକ ସେବାର ଉପଲବ୍ଧ, ଜୈବିକ ବର୍ଜ୍ୟବସ୍ତୁର ପରିଚାଳନା, ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ପରିଷ୍କାର ପରିଚ୍ଛନ୍ନତା ଆଦି ବୁଲି ଦେଖୁଥିଲେ ଓ ପରେ ପ୍ରସୂତି ବିଭାଗ ଓ ଓଟି ବିଭାଗ ବୁଲି ଦେଖୁଥିଲେ । କୟାକଳ୍ପ ପରିଦର୍ଶନ ସମୟରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ହରିହର ବଳଦେବ ଟୁଡୁ , ଡ.ଶୁମିତ ସ୍ନେହାଶିଷ ନାୟକ, ଡ. ଜୀବନଜ୍ୟୋତି ବେହେରା, ଡ. କେ. ଅନିତା, ବ୍ଲକ ଜନ ସ୍ୱାସ୍ଥ୍ୟ ସଂପ୍ରଶାସ ଅଧିକାରୀ ଜ୍ୟୋସ୍ନା ମହାରଣା, ଫାର୍ମାସିଷ୍ଟ ଅଶ୍ୱିନୀ ରାଉତ, ଅଂଜନ ସାହୁ ଏ ଏନଏମ ହିତେଶ୍ରୀ ବେହେରା, ସୌଦାମିନୀ ପଟ୍ଟନାୟକ, ଷ୍ଟାପ ନର୍ସ ଜୟନ୍ତୀ ବେହେରା, ମଧୁସ୍ମିତା ଗୌଡ଼ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।



# ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବନ୍ଦେ ମାତରମ୍ ପ୍ରଶିକ୍ଷଣ ଶିବିର

ଚନ୍ଦ୍ରପୁର, ୯।୧(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ସଦମହକୁମାରେ ଥିବା ପିଏମ୍‌ଶ୍ରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ଆଜି ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ରଜ୍ୟର ସମସ୍ତ ବିଦ୍ୟାଳୟରେ ବନ୍ଦେ ମାତରଂ ଗାନର ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବୋଙ୍ଗାଲ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀତମ ପୂର୍ତ୍ତି, ଅତିରିକ୍ତ ଶିକ୍ଷା ଗୋଷ୍ଠୀ ଅଧିକାରୀ ଉମାକାନ୍ତ ମିଶାଲ, ସାମାଜିକ ସୁରକ୍ଷା ଅଧିକାରୀ ବିକାଶ କୁମାର ନାୟକ, ଶିକ୍ଷକ କୈଳାସ ଶବର, ଶତ୍ରୁଘ୍ନ ସାହୁ, ହେମନ୍ତ କୁମାର ମଲ୍ଲିକ, ପ୍ରଦୀପ କୁମାର ଚୌଧୁରୀ, ସୁନୀଲ ମହାନ୍ତି, ଶ୍ରୀକାନ୍ତ ହୋତା, ବଳଭଦ୍ର କୁଟ୍ରୁକା, କୁନା ମାଝୀ ଓ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଭାଗ ନେଇଥିଲେ । ଶିକ୍ଷକ କୈଳାସ ଶବର ବନ୍ଦେ ମାତରଂ ଗାନକୁ ସ୍ୱର , ତାଳ ଲୟ ମଧ୍ୟମରେ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ପରେ ନିଜ ନିଜ ବିଦ୍ୟାଳଗୁଡିକରେ ଛାତ୍ର ଛାତ୍ରୀ ମାନଙ୍କୁ ବନ୍ଦେ ମାତରଂ ରାଷ୍ଟ୍ରୀୟ ଗାନକୁ ପ୍ରସ୍ତୁତି କରିବା ପାଇଁ ଏହି କାର୍ଯ୍ୟକ୍ରମକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଡିଓ ଶ୍ରୀ ବୋଙ୍ଗଲ ସୂଚନା ଦେଇଥିଲେ । ଶେଷରେ ଡ଼ାଙ୍ଗସରଡ଼ା ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




# ଅଜଣା ଟ୍ରକ୍ ଧକ୍କାରେ ଛାତ୍ର ମୃତ

ପଟ୍ଟାଙ୍ଗି, ୯।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଆଦିମ ଗୁରୁକୁଳ ଆଶ୍ରମ କୁନ୍ଦୁଲି ନିକଟରେ ଅଜଣା ଟ୍ରକ୍ ଧକ୍କାରେ ଛାତ୍ରଙ୍କ ମତ୍ୟୁ ଘଟିଛି । ପଟ୍ଟାଙ୍ଗି ବ୍ଲକ ଦେଓପଟ୍ଟାଙ୍ଗି ପଞ୍ଚାୟତ ଅନ୍ତର୍ଗତ ସଲପଗୁଡ଼ା ଗ୍ରାମର ଗଙ୍ଗାଧର ପାମିଆ ଦୁଧାରି ମହାବିଦ୍ୟାଳୟରେ ପାଠ ପଢୁଛନ୍ତି । ସେ ସେମିଳିଗୁଡା ସହରରେ ଏକ ଘର ଭଡା ଘରେ ରହି ମହା ବିଦ୍ୟାଳୟକୁ ଯିବା ଆସିବା କରୁଥିଲେ । ସୂଚନା ଅନୁଯାୟୀ ଗୁରୁବାର ରାତି ପ୍ରାୟ ୯ ଟା ସମୟରେ କୁନ୍ଦୁଲି ଗ୍ରାମରୁ ଏକ ସମ୍ପର୍କୀୟ ଙ୍କ ସହ ମିଶି ନିଜ ରହିବା ସ୍ଥାନକୁ ଯାଉଥିଲେ ।ଉକ୍ତ ସମୟରେ ଗୁରୁକୁଳ ଆଶ୍ରମ କୁନ୍ଦୁଲି ନିକଟରେ ଏକ ଅଜଣ ଟ୍ୟାଙ୍କର ଆସି ପଛପଟେ ଧକା ଦେଇଥିଲା ।ଉକ୍ତ ସମୟରେ ଗଙ୍ଗାଧର ଯାଉଥିବା ବାଇକ ରୁ ଟ୍ରକ ଚକା ତଳେ ପଡିଯାଇଥିଲା ।ଚକା ବ୍ୟକ୍ତିଙ୍କ ମୁଣ୍ଡ ଉପରେ ଚଢ଼ିଯିବା ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଟ୍ରକ ଟି କିନ୍ତୁ ନରଖି ସେଠାରୁ ଫେରାର ହୋଇଯାଇଥିବା ନେଇ ଜଣାପଡିଛି ।ସୂଚନା ପାଇ ପଟ୍ଟାଙ୍ଗି ପୋଲିସ ଘଟଣା ନିକଟରେ ପହଞ୍ଚିଥିଲା ଏବଂ ମୃତ ବ୍ୟକ୍ତିଙ୍କ ମରଶରୀରକୁ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରିଥିଲା । ଏହାପରେ ଶୁକ୍ରବାର ମୃତ ଶରୀରକୁ ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଏଥିନେଇ କେଶ ନଂ ୧୦/୨୬ ରୁଜୁ କରି ଅଧିକା ତଦନ୍ତ କରୁଥିବା ନେଇ ଜଣାପଡିଛି ।

# ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜିଲ୍ଲାପାଳ

ନବରଙ୍ଗପୁର, ୯।୧(ସମିସ): ନବରଙ୍ଗପୁର ଜିଲ୍ଲାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ୯ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରୂପେ ରୂପାନ୍ତରିତ କରିବା ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ହୋଇଯାଇଛି । ରାଇଘର ସ୍ଥିତ ଗାନ୍ଧୀନଗର ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ତହସିଲ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂ ଭତରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସାଂସଦଙ୍କ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ ଓ ସିବନାଥ ବାନାର୍ଜୀ, ରାଇଘର ବ୍ଲକ୍ ଅଧକ୍ଷ ଗୁପ୍ତ ପ୍ରସାଦ ଝଓଙ୍କର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦର୍ବଓନ୍ ,ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂହ, ଛେଳି ଡଙ୍ଗରି ପଞ୍ଚାୟତର ସମିତି ସଦସ୍ୟ ଶ୍ୟାମଲାଲ ଗଣ୍ଡ ଓ ହିରଓବତୀ ଗଣ୍ଡ ସରପଞ୍ଚ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲ୍ଲାପାଳ ନବରଙ୍ଗପୁର ଜିଲ୍ଲାର ୯ ବିଦ୍ୟାଳୟକୁ ଚୟନ କରିଥିବାରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ଜିଲ୍ଲାବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ସୁବ୍ରତ କୁମାର ଜେନା ଉପାନ୍ତ ରାଇଘର ଅଞ୍ଚଳରେ ଏହି ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବ ଓ ସେମାନଙ୍କୁ ସୁନାଗରିକ ରୂପେ ଗଢିତୋଳିବା ନିମନ୍ତେ ପ୍ରୟାସ କରିବ । ୧୨୦୦ ଛାତ୍ରଛାତ୍ରୀ ଓ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ଗୋଷ୍ଠୀ ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ବିଶ୍ୱାସ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ବରିଷ୍ଠ ଯାନ୍ତ୍ରିକ ପରାମର୍ଶଦାତା ବିଚିତ୍ରାନନ୍ଦ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ଗୋବିନ୍ଦ ସରକାର, ସମସ୍ତ ଏବିଇ ଓ ସିଆରସିସି ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।



# ବନ୍ଦେ ମାତରମ୍ ସଙ୍ଗୀତର ୧୫୦ ତମ ବର୍ଷ ପୂର୍ତ୍ତି ନେଇ ପ୍ରଶିକ୍ଷଣ

ଡାବୁଗାଁ, ୯।୧(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ବନ୍ଦେ ମାତରଂ ସଙ୍ଗୀତର ୧୫୦ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନ୍ଦେ ମାତରଂ ଗାନ କରିବା ଶୈଳୀ ଉପରେ ତାଲିମ ଦିଆଯାଇଥିଲା । ଏଥିରେ ପ୍ରଶିକ୍ଷକ ଭାବେ ଐରାବତ ଶବର ଓ ଗୟାଧର ବାରିକ ପ୍ରମୁଖ ତାଲିମ ଦେଇଥିଲେ । ଆସନ୍ତା ୧୨ ତାରିଖ ଦିନ ବ୍ଲକ ଅଧିନ ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟଳୟ ରେ ସାମୁହିକ ଗାନ କରାଯିବ ଏବଂ ଶିକ୍ଷାନୁଷ୍ଠାନ ଗୁଡିକରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଏହି ପ୍ରାୟକ୍ଷଣ ଶିବିର ରେ ପ୍ରତ୍ୟେକ ବିଦ୍ୟାଳୟର ଜଣେ ଜଣେ ଶିକ୍ଷୟତ୍ରୀ ଶିକ୍ଷକ ତାଲିମ ନେଇଥିଲେ । ଏଥିରେ ବିଡିଓ ଶରତ ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ ସାହୁ ଏବଂ ୧୨୦ ଜଣ ଶିକ୍ଷୟତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ମାଲକାନଗିରି, ୯ ।୧(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ ତରଫରୁ ଆଜି ମାଲକାନଗିରି ଜିଲ୍ଲାର ୨୦ଟି କେନ୍ଦ୍ରକୁ ନେଇ ସୁରୁଖୁରୁରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶ ପରୀକ୍ଷା ସମ୍ପନ୍ନ ହୋଇଛି । ଯାହାକୁ ପରିଚାଳନା କରିଥିଲା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ । ମୋଟ ୪୨୨୯ ପିଲା ପରୀକ୍ଷା ଦେବାର ସୁବ୍ୟବସ୍ଥା କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ତରଫରୁ ଯାହା ସୂଚନା ପ୍ରାପ୍ତ ହୋଇଅଛି କାଲିମେଲା ୫, କୋରୁକୁଣ୍ଡା ୨, ମାଥିଲି ୪ , ଖଇରପୁଟ ୨ କେ ଗୁମା ୧, ପଡିଆ ୨, ମାଲକାଗିରି ୪ଟି କେନ୍ଦ୍ରରେ ସର୍ବମୋଟ ସଂଖ୍ୟକ ୩୬୨୫ ପରିକ୍ଷାର୍ଥୀ ଭାଗ ନେଇଥିଲେ । ଷଷ୍ଠ ଶ୍ରେଣୀ ୩୧୧୨, ସପ୍ତମ ୩୨୪, ଅଷ୍ଟମ ୧୩୧ ଓ ନବମରୁ ୫୮ ସଂଖ୍ୟକ ପିଲାମାନେ ଏହି ପରୀକ୍ଷା ଦେଇଥିବା ବେଳେ ମୋଟ ୬୦୪ ସଂଖ୍ୟକ ପିଲା ପରୀକ୍ଷାର୍ଥୀ ରୂପେ ଅନୁପସ୍ଥିତି ଥିଲେ । "ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଜଗନ୍ନାଥ ବେହେରା କେନ୍ଦ୍ର ସବୁ ନିରୀକ୍ଷଣ କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ନିଜ ବ୍ଲକର କେନ୍ଦ୍ରକୁ ପରିଚାଳନା କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଗୁଡାରୀ, ୯।୧(ସମିସ): ଗୁଡାରି ପରିଷଦରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶୁକ୍ରବାର ଦିନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବର୍ଷ ସର୍ବମୋଟ ୨୫୨ ପରୀକ୍ଷାର୍ଥୀ ରହିଥିଲେ । ସେଥିରୁ ୨୨୪ ଜଣ ବିଦ୍ୟାର୍ଥୀ ପ୍ରବେଶକା ପରୀକ୍ଷାରେ ଯୋଗ ଦେଇଥିବା ବେଳେ ୨୪ ଜଣ ଅନୁପସ୍ଥିତ ଥିଲେ । ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ହୋଇଥିବା ବେଳେ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସିଟ୍ ପାଇଁ ମଧ ପ୍ରବେଶିକା ପରୀକ୍ଷା କରାଯାଇଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଷଷ୍ଠ ଶ୍ରେଣୀ ପାଇଁ ୨୨୩ ବିଦ୍ୟାର୍ଥୀ ଫର୍ମ ଆବେଦନ କରିଥିବା ବେଳେ ୧୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ସପ୍ତମ ଶ୍ରେଣୀ ପାଇଁ ୬ଜଣ ଆବେଦନ କରିଥିବା ବେଳେ ୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ବଳକା ୨ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ । ଅଷ୍ଟମ ଓ ନବମ ଶ୍ରେଣୀ ୨୩ ଜଣ ଛାତ୍ରଛାତ୍ରୀ ଆବେଦନ କରି ୨୧ ଜଣ ଛାତ୍ରଛାତ୍ରୀ ପରିକ୍ଷା ଦେଇଛନ୍ତି । ବଳକା ୨ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ । ଏଥିରେ ସେଣ୍ଟର ସୁପରିଟେଣ୍ଡେଣ୍ଟ ବିକାଶ କୁମାର ସାହୁ , ଡେପୁଟି ସୁପରିଟେଣ୍ଡେଣ୍ଟ ପ୍ରଣବ କଳ୍ପ ପଟ୍ଟନାୟକ ରହିଥିଲେ । ଅବଜର୍ଭର ଭାବେ ସୀମାଞ୍ଚଳ ବିଡ଼ିକା ରହିଥିଲେ । ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଚନ୍ଦାହାଣ୍ଡି ବ୍ଲକ୍‌ରେ ପଡୁନି ମନ୍ତ୍ରୀଙ୍କ ପାଦ

ଚନ୍ଦାହାଣ୍ଡି, ୯।୧(ସମିସ)

ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ୍ ବା ପାନାବେଡା ଅଞ୍ଚଳ ଜିଲ୍ଲାର ଶେଷ ମୁଣ୍ଡରେ ଅବସ୍ଥିତ ଏକ ବ୍ଲକ୍ । ଭୌଗଳିକ ଦୃଷ୍ଟିକୋଣରୁରୁ ଯଦି ଓ ଏହି ଅଞ୍ଚଳ ଅବିଭକ୍ତ କୋରାପୁଟ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଅବସ୍ଥିତ ତଥାପି ରାଜନୈତିକ ଦୃଷ୍ଟି କୋଣରୁ ଅବିଭକ୍ତ କୋରାପୁଟ ଜିଲ୍ଲା ର ରାଜନୈତିକ ରାଜଧାନୀ ଭାବେ ପରିଚିତ । ୬୦ ଦଶକରୁ ବରିଷ୍ଠ ଅଣ କଂଗ୍ରେସ ନେତା ସ୍ୱର୍ଗତ ଇୟାର୍ ଖାନଙ୍କ ଅମଳରୁ ଏହି ବ୍ଲକ ରେ ଯେଉଁ ଅଣ କଂଗ୍ରେସ ସଂଗଠନ ତିଆରି ହେଇଥିଲା, ତାହା ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି । ତେବେ ଅନ୍ୟ ଅଞ୍ଚଳର ପ୍ରତିନିଧି ମାନେ ଏଠାରୁ ନିର୍ବାଚିତ ହୋଇ ଆସୁଥିଲେ । କିନ୍ତୁ ୯୦ ଦଶକରୁ ଏହାର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି । ବ୍ୟାଙ୍କ୍ ଚାକିରି ଛାଡ଼ି ତତ୍କାଳୀନ କଂଗ୍ରେସ କର୍ମୀ ସଦନ ମାଝୀଙ୍କ ଦାୟଦ ଯାଦବ ମାଝୀ ଜନତା ପାର୍ଟି ରୁ ନିଜର ରାଜନୈତିକ ଜୀବନ ଆରମ୍ଭ କଲେ ।ଦୁଇ ଦୁଇ ଥର ନବରଙ୍ଗପୁର ସଂସଦୀୟ କ୍ଷେତ୍ରରୁ ପରାଜୟ ହେବା ପରେ ଶେଷରେ ୯୦ ମସିହାରେ ବିଜୁ ବାବୁଙ୍କ ଜନତା ଦଳ ପ୍ରାର୍ଥୀ ଭାବେ ଡ଼ାବୁଗାଁ ବିଧାନସଭା କ୍ଷେତ୍ରରୁ ନିଜର ଭାଗ୍ୟ ପରୀକ୍ଷା କରି ନିର୍ବାଚିତ ହୋଇ ପ୍ରଥମ ଥର ହିଁ ବିଜୁବାବୁ ଙ୍କ ସରକାର୍ ରେ ଶିଳ୍ପ ଯୋଜନା ଓ ସମନ୍ୱୟ ବିଭାଗ ର ରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ । ସେହି ଦିନ ଠାରୁ ଚନ୍ଦାହାଣ୍ଡି ବ୍ଲକ ମନ୍ତ୍ରୀ ବ୍ଲକ୍ ଭାବେ ପରିଚିତ ହେଲା । ଏହା ପରେ ୯୫ ମସିହାରେ ମଧ ଯାଦବ ମାଝୀ ଜନତା ଦଳର ପ୍ରତିକୂଳ ହାୱା ସତ୍ତ୍ୱେ ବିଧାୟକ ଭାବେ ନିର୍ବାଚିତ ହୋଇ ଅବିଭକ୍ତ କୋରାପୁଟ ର ଜନତା ଦଳର ଜଣେ ଅପ୍ରତଦ୍ୱନ୍ଦୀ ନେତା ଭାବେ ନିଜର ପରିଚୟ ପ୍ରତିପାଦନ କରିଥିଲେ । ଏହା ପରେ ବିଜୁ ବାବୁଙ୍କ ଦେହାନ୍ତ ପରେ ନବଗଠିତ ବିଜୁ ଜନତା ଦଳ ଯୋଗଦେଇଥିବା ବେଳେ କିଛି ମାସ ପରେ ଯାଦବ ବାବୁଙ୍କ ପରଲୋକ ହୋଇଥିଲା । ତାଙ୍କ ଅନ୍ତେ ତାଙ୍କ ଜ୍ୟେଷ୍ଠ ପୁତ୍ର ରମେଶ ମାଝୀ ବ୍ଲକ୍ ଅଧ୍ୟକ୍ଷରୁ ଜିଲ୍ଲା ପରିଷଦ ସଭ୍ୟ ଓ ୨୦୦୪ ମସିହା ରୁ ପ୍ରଥମେ ପିତାଙ୍କ ଚିରାଚରିତ ଆସନ ଡ଼ାବୁଗାଁ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ । ଏହା ପରେ ୨୦୦୯ ମସିହାରୁ ଲଗାତାର ନବଗଠିତ ଝରିଗାଁ ନିର୍ବାଚନ ମଣ୍ଡଳୀ ରୁ ନିର୍ବାଚିତ ହୋଇ ନବୀନ ପଟ୍ଟନାୟକ ଙ୍କ ସରକାର୍ ରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ର ମନ୍ତ୍ରୀ ହୋଇଥିଲେ । ଠିକ୍ ସେହିଭଳି ୨୦୧୯ ମସିହାରେ ନବରଙ୍ଗପୁର କଂଗ୍ରେସ ର ହେବିୱେଟ ନେତା ପ୍ରଦୀପ ମାଝୀଙ୍କୁ ପରାସ୍ତ କରି ପ୍ରଥମ୍ ଥର ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇ ରାଜ୍ୟ ରାଜନୀତିରେ ଦୃଷ୍ଟି ଆକର୍ଷଣ କରିଥିଲେ ।ତେବେ ସ୍ୱର୍ଗତ ଯାଦବ ମାଝୀ ଓ ରମେଶ ମାଝିଙ୍କ ମନ୍ତ୍ରୀ ଥିବା ସମୟରେ ଉପାନ୍ତ ଚନ୍ଦାହାଣ୍ଡି ବ୍ଲକ୍ ରେ ଅବିଭକ୍ତ କୋରାପୁଟ ପ୍ରତ୍ୟେକ ରାଜନୈତିକ ନିଷ୍ପତି ହେଉଥିବାବେଳେ ଏହି ଅଞ୍ଚଳ କୋରାପୁଟ ଜିଲ୍ଲା ର ରାଜନୈତିକ ପ୍ରାଣ କେନ୍ଦ୍ର ଭାବେ ପରିଚିତ ଥିଲା ।ଏହି ବ୍ଲକ୍ କୁ ଲୋକେ ମନ୍ତ୍ରୀ ଅଞ୍ଚଳ ଭାବେ ଖାତିର କରୁଥିବାବେଳେ ରାଜନୈତିକ ବାତାବରଣ ସରଗରମ ଥିଲେ ।ତେବେ ୨୦୨୪ ନିର୍ବାଚନ ସବୁ ଗଣିତ କୁ ଓଲଟ ପାଲଟ କରିଦେଇ ଥିବା ବେଳେ ସ୍?ୟଂ ରମେଶ ମାଝି ମଧ ନିଜର ପାରମ୍ପରିକ ଆସନ ରୁ ମାଟି କମୁଡ଼ିଥିଲେ ।ଅନ୍ୟ ପକ୍ଷରେ ମନ୍ତ୍ରୀ ଙ୍କୁ ଅତି ନିକଟରୁ ଦେଖି ଆସୁଥିବା ବ୍ଲକ୍ ବାସୀ ଆଜିକୁ ୧୮ ମାସ ହେବ ମନ୍ତ୍ରୀ ଦେଖି ନାହାନ୍ତି ।ପଡୋଶୀ ବ୍ଲକ୍ ଉମରକୋଟ ର ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୋହନ ସରକାର୍ ରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଦାୟିତ୍? ନେଇଥିଲେ ହେଁ କେବେ ହେଲେ ମଧ ଆନୁଷ୍ଠାନିକ ଭାବେ ଚନ୍ଦାହାଣ୍ଡି ବ୍ଲକ୍ ଗସ୍ତ କରି ନାହାନ୍ତି ।ଅପର ପକ୍ଷ ରେ ରମେଶ ମାଝି ଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଥିବା ବିଜେପି ବିଧାୟକ ନରସିଂ ଭତରା ମଧ ଚନ୍ଦାହାଣ୍ଡି ବ୍ଲକ କୁ ଆଡ଼ ଆଖି ରେ ଦେଖୁଥିବା ବେଳେ ଜାନି ଯାତ୍ରା ବା କୌଣସି କାର୍ଯ୍ୟକ୍ରମ ଦେଖା ଦେଉ ନଥିବା ଦେଖିବାକୁ ମିଳୁଛି ।ଯାହା ଫଳ ରେ ଏଠିକାର ଶାସନ ବ୍ୟବସ୍ଥା ହୁଗୁଳା ହୋଇ ପଡ଼ିଛି ।ବିଭିନ୍ନ ସାଂସ୍କୃତିକ ଓ ସଭା ସମିତି ରେ କେବଳ ପୂର୍ବତନ ସାଂସଦ ରମେଶ ମାଝି ନିଜର ଉପସ୍ଥିତି ଜାହିର କରୁଥିବା ବେଳେ ଶାସକ ଦଳ ର ସାଂସଦ ବିଧାୟକ ଙ୍କ ଦେଖା ମିଳୁ ନାହିଁ ।ମୋଟାମୋଟି ଭାବେ କହିବାକୁ ଗଲେ ଆଜକୁ ୧୮ ମାସ ହେବ ଏହି ବ୍ଲକ୍ ବାସୀ ମନ୍ତ୍ରୀ ଦେଖି ନାହାନ୍ତି ।

# ବିଦ୍ୟାଳୟରେ ଶତବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



କୋଷାଗୁମୁଡା, ୯।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାର ଏକ୍ସ ବୋର୍ଡ ବିଦ୍ୟାଳୟ ଠାରେ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଚଳିତ ମାସ ୧୬ ତାରିଖରେ ଅନୁଷ୍ଠିତ କରିବାକୁ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ପୁନର୍ବାର ୧୧ ତାରିଖରେ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ କିଭଳି ସୁଚାରୁ ରୂପେ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହେବ । ଏହି ଶତବାର୍ଷିକୀ ଉତ୍ସବ ପାଳନକୁ ନେଇ ପୁରୁଣା ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ, ଗ୍ରାମବାସୀ ଆନନ୍ଦ ଉଲ୍ଲାସର ବାତାବରଣ ସୃଷ୍ଟି ହୋଇଛି । ପ୍ରଥମ ପ୍ରସ୍ତୁତି ବୈଠକରେ ସ୍ଥାନୀୟ ଭଦ୍ରମଣ୍ଡଳୀ, ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ରାମନାଗୁଡ଼ା, ୯।୧(ସମିସ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ପିଏମ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ,ପଞ୍ଚସଖା ଶିକ୍ଷା ସେତୁ ସଭାପତି ବନମାଳୀ ମହାରଣା,ବିଦ୍ୟାଳୟ ପରିଚାଳନା ସଭାପତି ସୂର୍ଯ୍ୟ ରାଓ କୁମ୍ଭିକା,ରାମନାଗୁଡା ଥାନା ଏସଆଇ ବାବୁଲା ପ୍ରଧାନ, ଏଏସଆଇ ଜଗନ୍ନାଥ ବେହେରା, ଭାମିନି ପଞ୍ଚାୟତର ପୂର୍ବତନ ସରପଞ୍ଚ ପି.ନାଇଡୁ, ବରିଷ୍ଠ ନାଗରିକ ଗୋବିନ୍ଦ ସେନାପତି, ପୂର୍ବତନ ସଂସ୍କୃତ ଶିକ୍ଷକ ଲଳିତ ମୋହନ ନନ୍ଦ, ଭି.କୁମାର ସ୍ୱାମୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମାନଙ୍କ ଦ୍?ାରା ଜଗତର ନାଥ ଜଗନ୍ନାଥ ପ୍ରତିମୂର୍ତ୍ତି ନିକଟରେ ପଦୀପ ପ୍ରଜ୍ଜଳନ ପରେ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇ ଥିବା ବେଳେ ବିଦ୍ୟାଳୟ ପକ୍ଷରୁ ମଞ୍ଚାସୀନ ଅତିଥି ମାନଙ୍କୁ ଉପଢୌକନ ଦେଇ ରାୟଗଡା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଫୋଟଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟକ୍ଷଙ୍କ ଦ୍ୱାରା ବିବରଣୀ ପାଠ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗର ଅଧିକାରୀ, ସ୍ଥାନୀୟ ପ୍ରଶାସନ, ପୋଲିସ ଅଧିକାରୀ, ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ମିତାରାଣୀ ତୁଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡା ସଭା ସାଙ୍ଗ କରିଥିଲେ।

# ଜିଲ୍ଲାରେ ୧୭ ଆରକ୍ଷୀ ନିରୀକ୍ଷକଙ୍କ ବଦଳି




ରାୟଗଡ଼ା, ୯।୧(ସମିସ): ରାୟଗଡ଼ା ଜିଲ୍ଲାରେ ୧୭ଜଣ ଆରକ୍ଷୀ ନିରୀକ୍ଷକ ଇନ୍ସପେକ୍ଟର ର୍ୟାଙ୍କ ଅଧିକାରୀଙ୍କୁ ଆଜି ଜିଲ୍ଲା ପୁଲିସ ପ୍ରତିଷ୍ଠାନ ବୋର୍ଡ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନା ଏବଂ ଜିଲ୍ଲା ପୁଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ଜିଲ୍ଲା ପୋଲିସ ପ୍ରତିଷ୍ଠାନ ବୋର୍ଡର ଅଧକ୍ଷା ତଥା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତି ଏସ.କୁମାର ଏବଂ ଭାରପ୍ରାପ୍ତ ଗୁଣପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତଥା ବୋର୍ଡ ସଦସ୍ୟ ଅମୂଲ୍ୟ କୁମାର ଧରଙ୍କ ଉପସ୍ଥିତିରେ ଆଜି ବଦଳି ପ୍ରକ୍ରିୟା ନିମେନ୍ତ ବୋର୍ଡ ବୈଠକ ସ୍ଥାନୀୟ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୋର୍ଡ ନିଷ୍ପତି କ୍ରମେ କାଶିପୁର ଥାନାର ଆରକ୍ଷୀ ନିରୀକ୍ଷକ ପି.କେ. ସ୍ୱାଇଁଙ୍କୁ ଅଣ୍ଡିରାଙ୍କଚ ପୋଲିସ ଥାନା, ଇନ୍ସପେକ୍ଟର ବିଦ୍ୟୁଲତା ନାୟକଙ୍କୁ ଅଣ୍ଡିରାଙ୍କଚରୁ ପୁଟାସିଂ ଥାନା,ଦିନକ୍ରିଷ୍ଣା ମିଶ୍ରଙ୍କୁ ରାୟଗଡ଼ା ହେଡ୍ କ୍ୱାର୍ଟର୍ସରୁ ଟିକିରି ଥାନା, କିରଣବାଳା ସାମଲଙ୍କୁ ଦୋରାଗୁଡା ଥାନାରୁ ରାମନାଗୁଡା ଥାନା, ବିଶ୍ୱବନ୍ଦନୀ ବାଗଙ୍କୁ ଟିକିରି ଥାନାରୁ ଗୁଡାରୀ ଥାନା, କେଶବ ଷଡଙ୍ଗୀଙ୍କୁ ରାୟଗଡ଼ା ପୋଲିସ ହେଡକ୍ୱାର୍ଟର୍ସରୁ ମୁନିଗୁଡା ଥାନା, ଲଳିତ ମୋହନ ସାଗରଙ୍କୁ ରାୟଗଡ଼ା ହେଡ୍ କ୍ୱାର୍ଟର୍ସରୁ ଚନ୍ଦ୍ରପୁର ଥାନ ବଦଳି ହୋଇଛି । ସେହିପରି ଇନ୍ସପେକ୍ଟର ନୀଳକଣ୍ଠ ବେହେରାଙ୍କୁ କଲ୍ୟାଣସିଙ୍ଗପୁର ଥାନାରୁ ଦୋରାଗୁଡା ଥାନା, ସୂର୍ଯ୍ୟଚନ୍ଦ୍ର ପାଢୀଙ୍କୁ ବିଷମକଟକ ଥାନାରୁ ଅମ୍ବାଦଳା ଥାନା, ସମର୍ପିତା ସ୍ୱାଇଁଙ୍କୁ ଗୁଡାରୀ ଥାନାରୁ ବିଷମକଟକ ଥାନା,କଳ୍ପନା ବେହେରାଙ୍କୁ ଅମ୍ବାଦଳା ଥାନାରୁ କଲ୍ୟାଣସିଂଙ୍ଗପୁର ଥାନାକୁ ବଦଳି ହୋଇଥିବା ବେଳେ ଇନ୍ସପେକ୍ଟର ଅଜିତ ପରିଡାଙ୍କୁ ରାୟଗଡ଼ା ହେଡ୍ କ୍ୱାଟର୍ସରୁ ରାୟଗଡ଼ା ଥାନା ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଭାବେ ବଦଳି ହୋଇଛି । ସେହିପରି ପ୍ରିସ୍କା ଓଝାଙ୍କୁ ଟିକିରି ଥାନାରୁ ରାୟଗଡ଼ା ଆଇୟୁସିଏଡବ୍ଲ୍ୟୁକୁ, ସୁନୀତା ବେହେରାଙ୍କୁ ରାମନାଗୁଡା ଥାନାରୁ ରାୟଗଡା ଆଇୟୁସିଏଡବ୍ଲ୍ୟୁକୁ,ଭବାନୀ ମୁଦୁଲିଙ୍କୁ ପୁଟାସିଂ ଥାନାରୁ ଆରଟିଆଇ ଆଣ୍ଡ ଜୁଡିସିଆଲ ସେକ୍ସନ,ରାୟଗଡ଼ା ହେଡକ୍ୱାର୍ଟର୍ସକୁ, ଗୋପବନ୍ଧୁ ମଲ୍ଲିକଙ୍କୁ ରାୟଗଡ଼ା ହେଡକ୍ୱାର୍ଟର୍ସରୁ କାଶିପୁର ଥାନା ଅତିରିକ୍ତ ଆଇଆଇସି ଭାବେ ଏବଂ ପ୍ରଶାନ୍ତ ସେଠୀଙ୍କୁ ଚନ୍ଦ୍ରପୁର ଥାନାରୁ ରାୟଗଡ଼ା ହେଡ୍ କ୍ୱିର୍ଟସର ଡିସିଆରବିଏକ୍ସ- କ୍ରାଇମ ସେକ୍ସନକୁ ବଦଳି କରାଯାଇଥିବା ଜିଲ୍ଲା ପୋଲିସ କାର୍ଯ୍ୟାଳୟ ବିଜ୍ଞପ୍ତି ପ୍ରକାଶ ଚିଠି ସଂଖ୍ୟା ୬୪/୦୯/୦୧/୨୦୨୬ରେ ପ୍ରକାଶ ପାଇଛି ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ




ରାୟଗଡ଼ା, ୯।୧(ସମିସ): ରାୟଗଡ଼ା ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟର ଚିନ୍ତନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ଅତିଥି, ଶିକ୍ଷକ ଶିକ୍ଷୟତ୍ରୀ, ସଦସ୍ୟ ସଦସ୍ୟା ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ ପରିବେଷଣ କରାଯିବ । ସକାଳ ୭.୩୦ ମି ଠାରୁ ୮ ଟା ମଧ୍ୟରେ ପ୍ରତ୍ୟେକ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସେହିପରି ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଜିଲ୍ଲା ଉଚ୍ଚ ବିଦ୍ୟାଳୟ

## ହେବନି ସ୍କୁଲ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା

ଖେଳ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସରେ ସକାଳ ୮.୩୦ମି. ସମୟରେ ଅନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ସ୍ଥିର ହୋଇଛି । ପ୍ୟାରେଡ଼ ପଡିଆରେ ବ୍ୟାରିକେଡ ଲଗାଇବା ସହ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ପୂର୍ତ୍ତ ବିଭାଗ ସହ ଅନ୍ୟ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନରେ ଯଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀ, ଉପ କାରାଗାର , ସେବା ସମାଜ, ସ୍ୱଧାର ଗୃହର ଅନ୍ତେବାସୀ ଏବଂ ବରିଷ୍ଠ ନାଗରିକ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ । ରାୟଗଡା ଓଭରବ୍ରିଜ ମରାମତି କାର୍ଯ୍ୟ ଜାରି ରହିଥିବାରୁ ସକାଳେ ଆୟୋଜିତ ହେଉଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଶୋଭାଯାତ୍ରାକୁ ଚଳିତ ବର୍ଷ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୨୩ ତାରିଖରେ ସରସ୍ୱତୀ ପୂଜା ରହିଥିବାରୁ ପ୍ୟାରେଡ ପଡିଆରେ ଆସନ୍ତା ୨୧, ୨୨ ଓ ୨୪ ତାରିଖ ତିନି ଦିନ ଧରି ପ୍ୟାରେଡ ଅଭ୍ୟାସ କରାଯିବ ବୋଲି ନିଷ୍ପତି ହୋଇଛି। ଏହି ବୈଠକରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● କଳିଙ୍ଗ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ

# ପ୍ରଶାନ୍ତ ସଭାପତି, ରବୀନ୍ଦ୍ର ସାଧାରଣ ସମ୍ପାଦକ



ଗୁଣୁପୁର, ୯।୧(ସମିସ): ରାୟଗଡା ଜିଲ୍ଲା ଗୁଣପୁରର ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ସଂଘର ଆବାହକ ଶକ୍ତି ଦାଶଙ୍କ ଆହ୍ୱାନ କ୍ରମେ ଗୁଣପୁର ଉପଖଣ୍ଡ କଳିଙ୍ଗ ସାମ୍ବାଦିକ ସଙ୍ଘର ସଦସ୍ୟଙ୍କ ଗହଣରେ ବନ୍ଧୁମିଳନ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସାଙ୍ଗକୁ ସଂଘର ସାଧରଣ ବୈଠକ ଅନୁଷ୍ଠିତ କରାଯାଇଥିଲା। ବୈଠକରେ ଚଳିତ ବର୍ଷ ପାଇଁ ସଂଘର ସଭାପତି ଭାବେ ପ୍ରଶାନ୍ତ କୁମାର କର, କାର୍ଯ୍ୟକାରୀ ସଭାପତି ଭାବେ ଇପିଲି ଶବାରିସ, ଉପ ସଭାପତି ଭାବେ ପିଙ୍କି ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ରବିନ୍ଦ୍ର କୁମାର ପଣ୍ଡା, ସଂଗଠନ ସମ୍ପାଦକ ଭାବେ କିରଣ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ଭାବେ ତ୍ରିପତି ବିଡ଼ିକା ଏବଂ କୋଷାଧକ୍ଷ ଭାବେ ରଞ୍ଜିତ କୁମାର ପାଢ଼ୀଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଗଲା। କାର୍ଯ୍ୟକ୍ରମରେ ସଂଘର ଆଇନ ପରାମର୍ଶଦାତା ପ୍ରଦୀପ କୁମାର ଦାଶଙ୍କୁ ସରକାରୀ ସ୍ୱତନ୍ତ୍ର ଓକିଲ ଭାବେ ନିଯୁକ୍ତି ମିଳିବା ସହ ସଂଘର ଉପଦେଷ୍ଟା ଇନ୍ଦ୍ରାଖୀ ପ୍ରସାଦ ଦାଶଙ୍କୁ ସରକାରୀ ସହକାରୀ ଓକିଲ ଭାବେ ନିଯୁକ୍ତି ମିଳିଥିବାରୁ କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ ଓ ଅଭିବାଦନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଗୁଣପୁର ଓକିଲ ସଂଘ ସଭାପତି ଗୌରୀ ଶଙ୍କର ଦାଶ, ଗୁଣପୁର ଆଦର୍ଶ ଥାନା ଏସ୍. ଆଇ ବିଘ୍ନେଶ୍ୱର ସାହୁ ଓ ହେମଲତା ଶବର ଉପସ୍ଥିତ ରହି ସଂଗଠନର ଅନନ୍ୟ ପ୍ରୟାସକୁ ସାଧୁବାଦ ଦେଇ ଅବିରତ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ପ୍ରେରଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘର ସମସ୍ତ ସାମ୍ବାଦିକ ବୃନ୍ଦ ସୁଚାରୁ ରୂପେ ପରିଚାଳନା କରିଥିଲେ।

■ ୨୨୮ ଲିଟର ଦେଶୀ ମଦ

# ୧୦ ଗିରଫ, ୬ଟି ବାଇକ୍ ଜବତ

ରାୟଗଡ଼ା, ୯।୧(ସମିସ): ମଦ ବ୍ୟବସାୟୀ ମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗତ ଦିନ ଧରି ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶରେ ଚଢ଼ଉ ଜାରି ରହିଛି । ରାୟଗଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ରାୟଗଡ଼ା ଅବକାରୀ ରେଞ୍ଜ



ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଆଇନ ମଦ ବ୍ୟବସାୟରେ ସମ୍ପୃକ୍ତ ଥିବା ୯ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୨୨୮ ଲିଟର ଦେଶୀ ମଦ, ୨୯୦୦ ଲିଟର ମହୁଲ ପୋଚ, ୨୩୫ ଲିଟର ତାଡି ଜବତ ସହିତ ୬ଟି ମୋଟର ସାଇକେଲ ଜବତ କରାଯାଇଛି। ଅବକାରୀ ବିଭାଗର ରାୟଗଡ଼ା ସଦର ଥାନା ଅବକାରୀ ନିରୀକ୍ଷକ ସତ୍ୟନାରାୟଣ ଦାସ ଏବଂ ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ଅଧିକାରୀ କମ୍ଭୁପାଣି ସିନ୍ଧୁରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଏଥିରେ ସାମିଲ ଥିଲେ। ରାୟଗଡ଼ା ଅବକାରୀ ରେଞ୍ଜର ଜେକେପୁର, ରାୟଗଡ଼ା, ପିତୁଡି କଲୋନୀ, କୁମ୍ଭିକୋଟା, ଭେଜପା, ଖଟଗଣ୍ଡା, କଲ୍ୟାଣସିଂହପୁର ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କଲେ ଜିଲ୍ଲାପାଳ



ବୈପାରିଗୁଡା, ୯।୧ (ସମିସ): ବୈପାରିଗୁଡା ବ୍ଲକର ହାଟପଦା ଠାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସବୁଜିମା ଉତ୍ପାଦକ କମ୍ପାନୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସବୁଜିମା କମ୍ପାନୀର ଅଧ୍ୟକ୍ଷା ମଣୀ ମାଝୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଫିତା କାଟି, ନଡ଼ିଆ ମାରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ,ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ବିଡ଼ିଓ ସୁବ୍ରତ ସାହୁ, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟା ମଣୀ ଜାନୀ, ନବରଙ୍ଗପୁର ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦଲିଆ, କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ୍ ପ୍ରଭାକର ରାଓ, କୋରାପୁଟ ବିଧାୟକ ପ୍ରତିନିଧି ଉମେଶ ପଟ୍ଟନାୟକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ, ଓ୍ୱାସନ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସିଓ୍ୱାଏଡି ସାଉଥ୍ ଓଡ଼ିଶା ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ, ଟିଡିସିସି ସଂଯୋଜକ ଆଶୁତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକରେ ବୈପାରିଗୁଡା, ବାଲିଗାଁ, ରାମଗିରି ଏବଂ ଦଶମନ୍ତପୁର ଭଳି ୪ ସ୍ଥାନରେ ମାଣ୍ଡିଆ ମଣ୍ଡି ରହିଥିବା ବେଳେ ୪ଟି ମଣ୍ଡିରୁ ୪୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ମାଣ୍ଡିଆ ବିକ୍ରୀ ପାଇଁ ୨୯୮୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଆଜି ୭ ଜଣ ଚାଷୀଙ୍କ ଠାରୁ ୧୩୭ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି । ସିଓ୍ୱାଏସଡିର ସମସ୍ତ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବୈପାରିଗୁଡା ପୁଲିସ ମୁତୟନ ଥିଲେ।

# ଜଳେଶପଙ୍ଗା ଆଶ୍ରମ ପରିଦର୍ଶନ କଲେ ବିଧାୟକ



ନବରଙ୍ଗପୁର, ୯ ।୧ (ସମିସ): ଜଳେଶପଙ୍ଗା ଆଶ୍ରମ ପରିଦର୍ଶନ କରିଛନ୍ତି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ପ୍ରସିଦ୍ଧ ଜଳେଶପଙ୍ଗା ଆଶ୍ରମ ପରିଦର୍ଶନ କରି ବେଦାନ୍ତ କେଶରୀ ସ୍ୱର୍ଗତ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସେ ତାଙ୍କର ସପରିବାର ସହିତ ଆଶ୍ରମକୁ ଯାଇଥିବାବେଳେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଧର୍ମପତ୍ନୀ ମଧ୍ୟ ଯାଇଛନ୍ତି। ଏହା ସହିତ ଜଳେଶ୍ୱର ଶିବ ମନ୍ଦିର, ଚଣ୍ଡି ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସଂସ୍କୃତ କନ୍ୟାଶ୍ରମ ବୁଲି ଦେଖିଥିଲେ। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀର ୩୧୧ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ସମସ୍ତଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୦୮ ମସିହା ଅଗଷ୍ଟ ୨୩ ଜନ୍ମାଷ୍ଟମୀ ଦିନ ଦୁର୍ବୃର୍ତ୍ତ ମାନେ ଅତି ନିର୍ମମ ଭାବରେ ସ୍ୱାମୀଜୀଙ୍କୁ ହତ୍ୟା କରିଥିଲେ। ଏହାପରଠାରୁ ଜଳେଶପଙ୍ଗା ଆଶ୍ରମ ଦର୍ଶନୀୟ ସ୍ଥାନ ହୋଇଛ।

# ବନ୍ଦେ ମାତରମ୍ ପ୍ରଶିକ୍ଷଣ, ସାମୂହିକ ଗାନ




ରାୟଗଡା, ୯।୧(ସମିସ): ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନର ଆନୁକୁଲ୍ୟରେ ରାୟଗଡ଼ ବ୍ଲକ ତରଫରୁ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ସାମୁହିକ ଗାନ ସମ୍ପର୍କିତ ପ୍ରଶିକ୍ଷଣ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବିଡିଓ ସୁଜିତ କୁମାର ମିଶ୍ର, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ: ଅର୍ଚ୍ଚନା ପଟ୍ଟନାୟକ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ ମଞ୍ଚାସୀନ ଥିଲେ। ତାଲିମ ଦାତା ଭାବେ ମହିଳା ମହାବିଦ୍ୟାଳୟର ଏନସିସି ଅଧିକାରୀ ରୀତାରାଣୀ ମିଶ୍ର, ହଲୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର ଓ ଶିକ୍ଷୟିତ୍ରୀ ଅର୍ଚ୍ଚନା ଦେବୀ ସିଂହ ମଞ୍ଚାସୀନ ହୋଇ ତାଲିମ ପ୍ରଦାନ କରିଥିଲେ । ରାୟଗଡ ବ୍ଲକର ବିଦ୍ୟାଳୟ ଓ କଲେଜ ସ୍ତରରୁ ୨୫୧ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରୀତାରାଣୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ରାୟଗଡା ଜିପିଡିଓ ସ୍ମୃତିରେଖା ନାୟକ, ଶିକ୍ଷକ ନୀଳାଞ୍ଚଳ ମିଶ୍ର ଓ ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଏହାର ପରିଚାଳନା କରିଥିଲେ। ସେହିପରି ପୌରାଞ୍ଚଳର ୫୦ ଜଣଙ୍କୁ ସ୍ଥାନୀୟ ଟାଉନହଲ ଠାରେ ପୌରପାଳିକା ତରଫରୁ ତାଲିମ ପ୍ରଦାନ କରାଯାଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା, ଶିକ୍ଷାର୍ଥୀ ଏହାକୁ ଗୃହରେ ପରିବେଷଣ କରିଥିଲେ। ଶେଷରେ ସମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଭାକର ମିଶ୍ର ଏହି ରାଷ୍ଟ୍ରଗୀତର ଇତିହାସ ବିଷୟରେ ଅବଗତ କରିଥିଲେ। ଆଗାମୀ ଜାନୁଆରୀ ୧୨ ତାରିଖ ଦିନ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ପ୍ରତିଟି ବିଦ୍ୟାଳୟରେ ବନ୍ଦେ ମାତରମକୁ ସାମୁହିକ ଗାନ କରାଯିବ। ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରି ଶିଶୁଙ୍କୁ ପୁରସ୍କୃତ କରାଯିବ ବୋଲି ବିଡିଓ ସୁଜିତ କୁମାର ମିଶ୍ର କହିଛନ୍ତି। ସେହିପରି ଅପରାହ୍ନରେ ପୌରାଞ୍ଚଳର ୬୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ଥାନୀୟ ଟାଉନହଲ ଠାରେ ପୌରପାଳିକା ତରଫରୁ ତାଲିମ ପ୍ରଦାନ କରାଯାଇଥିଲା । ମୁଖ୍ୟ ସହାୟକ ବି କିରଣ, ଆର ମଣିମଣ୍ଡିତ, ମିଳନ ଗଣନାୟକ ପ୍ରମୁଖ ଆୟୋଜନରେ ସହାୟତା କରିଥିଲେ ।




# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



ମାଲକାନଗିରି, ୯ ।୧ (ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ-୨୦୨୬କୁ ମାଲକାନଗିରି ଜିଲ୍ଲାସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ଦ୍ୱାରା ଗତବର୍ଷ ପ୍ରସ୍ତୁତି ବୈଠକର ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇଥିଲା। ବୈଠକର ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୬ ଜାନୁଆରୀ ପ୍ରଭାତରେ ମାଲକାନଗିରି ପୌରପାଳିକା ଅଞ୍ଚଳରେ ରାମଧୂନ ପରିକ୍ରମା କରାଯିବ। ସକାଳ ୭ ଟା ୩୦ରେ ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯିବା ପାଇଁ ଦିନ ଓ ସମୟ ଧାର୍ଯ୍ୟ କରାଗଲା। ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ଶିଶୁ ଗୃହର ରୋଗୀମାନଙ୍କୁ ଫଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ।

# ଧାନମଣ୍ଡି ସମସ୍ୟା; କିଷାନ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ମାଲକାନଗିରି, ୯ ।୧(ସମିସ): ଧାନ ମଣ୍ଡିରେ ଅବ୍ୟବସ୍ଥା ନେଇ ଓଡ଼ିଶା ରାଜ୍ୟ କଂଗ୍ରେସ କିସାନ ସେଲ ଓ ମାଲକାନଗିରି ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ମଣ୍ଡି ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାର ଉପରେ ବର୍ଷିଛନ୍ତି । ରାଜ୍ୟ କଂଗ୍ରେସ କିସାନ ସେଲ ସଭାପତି ଅଭୟ ସାହୁ ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ମାଲକାନଗିରି ଜିଲ୍ଲାରେ ଥିବା ୬୮ଟି ମଣ୍ଡିରେ ଅବ୍ୟବସ୍ଥା ଓ ଚାଷୀଙ୍କ ସମସ୍ୟା ଲାଗି ରହିଛି । ଧାନ ମଣ୍ଡି ଗୁଡ଼ିକରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିବା ସହ ଜିଲ୍ଲାର ଗୋବିନ୍ଦପାଲି, ମାଥିଲି ସମେତ ୫ଟି ମଣ୍ଡିକୁ କଂଗ୍ରେସର ଏକ ପ୍ରତିନିଧି ଦଳ ଗସ୍ତ କରି ଚାଷୀଙ୍କ ସହ ଆଲୋଚନା କରି ଏହି ସମସ୍ୟା ଥିବା ଜାଣିବାକୁ ପାଇଥିବା ସେ ପ୍ରକାଶ କରିଛନ୍ତି । ମଣ୍ଡି ଗୁଡ଼ିକରେ ହଜାର ହଜାର ବସ୍ତା ଧାନ ରଖି ଚାଷୀ ଅପେକ୍ଷା କରି ରହିଛନ୍ତି । ମିଲରଙ୍କ କଳି ଯୋଗୁଁ ଧାନ ଉଠୁ ନଥିବା ପ୍ରଶାସନ ପକ୍ଷରୁ କୁହାଯାଉଥିବା ବେଳେ ଏହା ମିଲରଙ୍କ କଳି ନୁହେଁ, ବରଂ ଏହା ସରକାର ଏବଂ ମିଲରଙ୍କ କୋଳାକୋଳି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି । ତେବେ ଏସବୁକୁ କଂଗ୍ରେସ ଦଳ କେବେ ସହ୍ୟ କରିବ ନାହି, ସମସ୍ତ ଧାନକୁ ତୁରନ୍ତ କ୍ରୟ ସହ ୨୪ ଘଣ୍ଟା ମଧ୍ୟରେ ସମସ୍ତ ଧାନ ଉଠାଇବାକୁ ସେ ଦାବି କରିଛନ୍ତି । ଏହା ସହ ଧାନ କ୍?ିଣ୍ଟାଲ ପିଛା ୩୧୬୯ ଟଙ୍କା ପ୍ରଦାନ କରିବା, ବସ୍ତାର ବଜାର ମୂଲ୍ୟ ପ୍ରଦାନ କରିବା, ଯେଉଁ ଚାଷୀଙ୍କ ସବସିଡି ବାକି ରହିଛି ତାହାକୁ ତୁରନ୍ତ ପ୍ରଦାନ କରିବାକୁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି । ସରକାର ସହଯୋଗ ନ କଲେ ଆନ୍ଦୋଳନର ପନ୍ଥା ଅପନେଇବୁ ବୋଲି ଶ୍ରୀ ସାହୁ ପ୍ରକାଶ କରିବା ସହ ଏନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓ, ସମ୍ପାଦକ ପଦ୍ମ ପାଙ୍ଗି, ପି କେଶୁ ରାଓ, ବରିଷ୍ଠ ନେତା ମାଲା ମାଡି, ଗୋବିନ୍ଦ ପାତ୍ର, ପି କେଶୁ ରାଓ, ଶଙ୍କର ପଟ୍ଟନାୟକ, ରହିମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

